


ପ୍ରଗତିବାଦୀ
ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ



SEARCH Google
Go

Click here
Hindi Songs

**Quote of the Day**

It is our responsibilities, not ourselves, that we should take seriously.
Peter Ustinov

**Weather**

**Forecast:**
Clear sky with slight increase in day and night temperatures.



| **Temperture** | **Humidity** |
|---|---|
| Max:33.8°c | High:93% |
| Min:21.1°c | Low :30% |

**Entertainment**

I am not dating Dhoni:Koena Mitra



Cricket may not interest Koena mitra but the same cannot be said about her interest in cricketers.

9711631

Local

# ତିନୋଟି ଦୁର୍ଘଟଣାରେ ୫ ମୃତ

**ଖୋର୍ଦ୍ଧା:** ତିନୋଟି ପୃଥକ ପୃଥକ ଦୁର୍ଘଟଣାରେ ଏଠାରେ ୫ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି । ବେପରୁଆ ଗାଡି ଚାଳନା ଯୋଗୁ ହିଁ ଏହି ସବୁ ଦୁର୍ଘଟଣା ଘଟିଥିବା ମନେ ହେଉଥିବା ବେଳେ ମୃତ ସମସ୍ତ ବ୍ୟକ୍ତି ମୋଟର ସାଇକେଲ ଆରୋହୀ ଅଟନ୍ତି । ପ୍ରଥମ ଦୁର୍ଘଟଣାରେ ଜଙ୍କିଆ ଥାନା ଅନ୍ତର୍ଗତ ବଡପୋଖରୀଆ ଗ୍ରାମର ଦୁଇଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଦ୍ୱିତୀୟ ଦୁର୍ଘଟଣାରେ ପୁରୀର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେହିଭଳି ସନ୍ଧ୍ୟା ୬ଟା ବେଳେ ୫ ନଂ ଜାତୀୟ ରାଜପଥର ମଳିପଡା ନିକଟରେ ଘଟିଥିବା ତୃତୀୟ ଦୁର୍ଘଟଣାରେ ମଳିପଡା ଓ ଗୋଡିପଡାର ଦୁଇ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି ।

ଖବରରୁ ପ୍ରକାଶ ଯେ, ଗତକାଲି ରାତିରେ ବଡପୋଖରୀଆ ଗ୍ରାମର ଅନନ୍ତ କୁମାର ବଡ଼ଜେନା (୨୨), ରଘୁ ପ୍ରଧାନ(୩୨) ଓ ସୁରେନ୍ କୋଦମା ସିଂ(୨୦)ନିଜ ଗ୍ରାମରୁ ଏକ ମୋଟରସାଇକେଲ ଯୋଗେ ଦୋଳ ମେଳଣ ଦେଖିବାକୁ ମଳିପଡାକୁ ଆସୁଥିଲେ । ରାମେଶ୍ୱର ଛକ ନିକଟରେ ଏକ ପେଟ୍ରୋଲ ପମ୍ପରୁ ମୋଟର ସାଇକେଲରେ ପେଟ୍ରୋଲ ଭର୍ତ୍ତିକରି ସେମାନେ ମଳିପଡା ଅଭିମୁଖେ ବାହାରିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଅଜଣା ପିକଅପ୍ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ପିକଅପ ଭ୍ୟାନଟି ସହ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ମୋଟର ସାଇକେଲ ଆରୋହୀ ଅନନ୍ତ କୁମାର ବଡ଼ଜେନା ଓ ରଘୁ ପ୍ରଧାନ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ । ସୁରେନ କୋଦମା ସିଂଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଖୋର୍ଦ୍ଧା ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଜଙ୍କିଆ ପୋଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ଶବଦୁଇଟିକୁ ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ଡାକ୍ତରଖାନାକୁ ପଠାଇଛନ୍ତି । ସେହିପରି ଦ୍ୱିତୀୟ ଦୁର୍ଘଟଣାରେ ଏକ ବିବାହ ଉତ୍ସବରେ ଯୋଗଦେଇ ପୁରୀର ଅରୁଣ କୁମାର ବ୍ରହ୍ମା (୩୨) ଓ ଜିନେଶ୍ ବେହେରା ଏକ ମୋଟର ସାଇକେଲ ଯୋଗେ ଫତେଗଡରୁ ପୁରୀକୁ ଫେରୁଥିବା ବେଳେ ଧଳାପଥର ନିକଟରେ ଭୋର ୪ଟା ସମୟରେ ଏକ ଅଜଣା ଇଣ୍ଡିକା କାର ସେମାନଙ୍କୁ ଧକ୍କା ଦେଇଥିଲା । ଏହି ଦୁଇଜଣଙ୍କୁ ପ୍ରଥମେ କଳାପଥର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ଏମାନଙ୍କ ଅବସ୍ଥା ଗୁରୁତର ହେବାରୁ ଖୋର୍ଦ୍ଧାଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଅରୁଣଙ୍କ ମୃତ୍ୟୁ ଘଟିଛି । ବର୍ତ୍ତମାନ ଜନେଶ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି । ସନ୍ଧ୍ୟା ୬ଟା ୫ ନଂ ଜାତୀୟ ରାଜପଥର ମଳିପଡା ବଜାର ଉପରେ ଘଟିଥିବା ତୃତୀୟ ଦୁର୍ଘଟଣାରେ ମୋଟର ସାଇକେଲ ଆରୋହୀ ମଳିପଡା ଗ୍ରାମର କେଦାର ବାରିକ (୩୫) ଏବଂ ଗୋଡିପଡା ଗ୍ରାମର ଆଶୁତୋଷ ବୈରିଗଂଜନ (୩୫)ଙ୍କ ମୃତ୍ୟୁ ଘଟିଛି । ସେମାନେ ଏକ ବଜାଜ ପଲସର (ଓଆର-୦୨ଏଏମ୍-୯୭୪୪)ରେ ରାସ୍ତା ପାର ହେଉଥିବା ବେଳେ ବ୍ରହ୍ମପୁରରୁ ଭୁବନେଶ୍ୱର ଆସୁଥିବା ଏକ ପର୍ଯ୍ୟଟକ ବସ (ଜିଜେ-୬୧-୯୪୨୯) ସେମାନଙ୍କୁ ଧକ୍କା ଦେଇଥିଲା । ଗୁରୁତର ଆହତ ଅବସ୍ଥାରେ କେଦାର ଓ ଆଶୁତୋଷଙ୍କୁ ଖୋର୍ଦ୍ଧା ଡାକ୍ତରଖାନାରେ ନିଆଯାଉଥିବା ବାଟରେ ସେମାନଙ୍କର ମୃତ୍ୟୁ ଘଟିଥିଲା । ଏହି ଖବର ପ୍ରଚାରିତ ହେବାପରେ ଘଟଣା ସ୍ଥଳରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା । ଶତାଧିକ ଲୋକ ମଳିପଡା ବଜାର ନିକଟରେ ଜାତୀୟ ରାଜପଥକୁ ଅବରୋଧ କରି ରଖିଥିଲେ । ଖୋର୍ଦ୍ଧା ଆଇଆଇସି ନିମାଇଁ ଚରଣ ସେଠୀ ଓ ଏସ୍ଡିପିଓ ହରମୋହନ ଦାସ ଏବଂ ଅନ୍ୟ ପୋଲିସ ଅଧିକାରୀମାନେ ସେମାନଙ୍କୁ ବୁଝାସୁଝା କରିବା ଉଦ୍ୟମ ଜାରି ରଖିଥିଲେ ମଧ ଏହି ଖବର ଲେଖାହେବା ପର୍ଯ୍ୟନ୍ତ ସେଠାରେ ରାସ୍ତା ଅବରୋଧ ଜାରି ରହିଥିବା ଜଣାଯାଇଛି ।

## ଅର୍ଜୁନଙ୍କ ପ୍ରତିଶ୍ରୁତି : ଓଡିଶାରେ ଆଇଆଇଟି ହେବ

**ଭୁବନେଶ୍ୱର:** ଓଡିଶାରେ ଗୋଟିଏ ଆଇଆଇଟି ପ୍ରତିଷ୍ଠା କରାଯିବ ବୋଲି କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ଅର୍ଜୁନ ସିଂହ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି । ଶ୍ରୀ ସିଂହଙ୍କର ଏ ସମ୍ପର୍କୀତ ପତ୍ର ରାଜ୍ୟ ସରକାରଙ୍କ ପାଖକୁ ଆସିଛି । ସୂଚନାଯୋଗ୍ୟ ଯେ, ଓଡିଶାରେ ଆଇଆଇଟି ପ୍ରତିଷ୍ଠା ପାଇଁ ଦାବି ଦୀର୍ଘଦିନରୁ ହେଉଥିଲେ ହେଁ କେନ୍ଦ୍ରସରକାର ଆନ୍ଧ୍ରରେ ଆଇଆଇଟି କରିବାକୁ ଯାଉଛନ୍ତି । ଯାହା ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ତେବେ କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂହ ତାଙ୍କ ପତ୍ରରେ ଜଣାଇଛନ୍ତି ଯେ, ଓଡିଶାରେ ଆଇଆଇଟି ପ୍ରତିଷ୍ଠା ପ୍ରସ୍ତାବ ପ୍ରତ୍ୟାହାର ହୋଇନି । ଏଥିନେଇ ବିଚାର ଚାଲିଛି । ଅପରପକ୍ଷରେ ଓଡିଶାରେ ୫ଟି ଭାରୀଯାନ ଚଳାଚଳ ପ୍ରଶିକ୍ଷଣ କେନ୍ଦ୍ର କରିବାକୁ କେନ୍ଦ୍ରସରକାର ଘୋଷଣା କରିଛନ୍ତି । ଦେଶରେ ୬ଟି ପ୍ରଶିକ୍ଷଣ କେନ୍ଦ୍ର ହେବ । ସେଥିରୁ ଓଡିଶାରେ ୫ଟି ଓ ଆସାମରେ ଗୋଟିଏ ହେବ । ଏଥିପାଇଁ ସବୁ ଅର୍ଥ କେନ୍ଦ୍ରସରକାର ଦେବେ । ଏହି ପ୍ରଶିକ୍ଷଣ କେନ୍ଦ୍ରର ପାଠ୍ୟକ୍ରମରେ ଡ୍ରାଇଭରମାନଙ୍କୁ ସଚେତନ କରିବା ପାଇଁ ଏଡସ୍ ସମ୍ପର୍କୀତ ବିଷୟବସ୍ତୁ ରହିବ । ୨୦୦୭-୦୮ ଆର୍ଥିକ ବର୍ଷରେ ଏହି କେନ୍ଦ୍ର ପ୍ରତିଷ୍ଠା କରାଯିବ । ଏଥିପାଇଁ ୪କୋଟି ଟଙ୍କା ଖର୍ଚ୍ଚହେବ ।

**Executive Editor : Samahit Bal**
178/B, Mancheswar Industrial Estate, Bhubaneswar
Ph : (0674) 2588297/2588298/2583066 Fax : (0674) 2582636
Email : pragativadi@pragativadi.com
Site Designed by ***IS&T*** ™